## ସଂକ୍ଷେପରେ

### ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରୁ ଚୋରି

ଛତ୍ରପୁର,୧୧।୨(ଡି.ଏନ୍.ଏ )- ଛତ୍ରପୁର ଉପଖଣ୍ଡ ସରକାରୀ ଚିକିତ୍ସାଳୟରେ ଶନିବାର ଜଣେ ରୋଗୀଙ୍କ ମୋବାଇଲ ଚୋରି ଘଟଣା ଚିକିତ୍ସାଳୟରେ ଆତଙ୍କ ଖେଳିଯାଇଛି। ଛତ୍ରପୁର ଥାନା ଅନ୍ତର୍ଗତ ପଦ୍ମାବତୀ ଗ୍ରାମର ସନ୍ତୋଷିନୀ ବସନ୍ତିଆ ପୁଅର ଦେହ ଅସୁସ୍ଥ ଥିବା ନେଇ ଗତ ୭ ତାରିଖରେ ଛତ୍ରପୁର ମେଡିକାଲରେ ଭର୍ତ୍ତି କରିଥିଲେ। ଶନିବାର ସକାଳେ ମେଡିକାଲ ପରିସରରୁ ତାଙ୍କ ମୋବାଇଲକୁ କେହି ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ଏ ନେଇ ସେ ପ୍ରଥମେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଜଣେଇଥିଲେ ମଧ ସିସି ଟିଭି ଦେଖିବା ପାଇଁ କର୍ତ୍ତୃପକ୍ଷ ମନା କରିବା ସହିତ ନିଜ ଜିନିଷ ନିଜ ଦାୟିତ୍ୱରେ ରଖିନଥିବାରୁ ଏଭଳି ହୋଇଥିବା କହିଥିଲେ ବୋଲି ସନ୍ତୋଷିନୀ ଅଭିଯୋଗ କରିଛନ୍ତି। ତେବେ ସରକାରୀ ଉପଖଣ୍ଡ ଚିକିତ୍ସାଳୟରେ ଏଭଳି ଘଟଣା ଘଟିଥିବାରୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି । ପରେ ଏ ନେଇ ଛତ୍ରପୁର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି।

### ଦିବ୍ୟାଙ୍ଗ ବିଦ୍ୟାଳୟରେ ପରିଚାଳନା କମିଟି ବୈଠକ

ଆର.ଉଦୟଗିରି,୧୧।୨(ଡି.ଏନ୍.ଏ.)- ମୋହନା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ, ବଧିର, ମାନସିକ ଅନଗ୍ରସର ଓ ମସ୍ତିଷ୍କ ପକ୍ଷାଘାତ ସ୍ୱତନ୍ତ୍ର ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଉପସଭାପତି ଶରତ ମଲିକ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ସମ୍ପାଦକ ଦଣ୍ଡାସି ସାହୁ, ସହସମ୍ପାଦକ ମନୋଜ କୁମାର ସାହୁ, ପ୍ରଶାନ୍ତ ବୀର ଓ କମିଟି ସଦସ୍ୟମାନେ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ମୁଖ୍ୟ ବିଷୟ ହେଉଛି ବିଦ୍ୟାଳୟ ନେଇ କୌଣସି ସତ୍ୟତା ନଥାଇ କିଛି ଖବରକାଗଜରେ ବାରମ୍ବାର ପ୍ରକାଶ ହେଉଥିବାରୁ କମିଟି ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଥିଲା। ମୋହନା ସାମ୍ବାଦିକ ସଂଘ ସଭାପତି ଲକ୍ଷ୍ମଣ ଚୌଧୁରୀଙ୍କୁ ଲିଖିତ ଆକାରରେ ଜଣାଇବା ସହ ଏହି ବିଷୟ ନେଇ ଆଲୋଚନା କରିବାକୁ ବୈଠକରେ ସ୍ଥିର ହୋଇଥିଲା।

### ମା’ ପଞ୍ଚୁଠାକୁରାଣୀ ଯାତ୍ରା ପ୍ରସ୍ତୁତି ବୈଠକ

ବୁଗୁଡା,୧୧।୨(ଡି.ଏନ୍.ଏ.)-ବୁଗୁଡ଼ାରେ ମା’ ପଞ୍ଚୁଠାକୁରାଣୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ସ୍ଥାନୀୟ ବିରଞ୍ଚି ନାରାୟଣ କଲ୍ୟାଣ ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଶ୍ରମମନ୍ତ୍ରୀ ତଥା ଯାତ୍ରା କମିଟି ସଭାପତି ଶ୍ରୀକାନ୍ତ ସାହୁ ଅଧକ୍ଷତା କରିଥିଲେ। ବୈଠକରେ ଠାକୁରାଣୀ ଯାତ୍ରା ପାଇଁ ମହାଶିବରାତ୍ରି ଦିନ ଶୁଭଖୁଣ୍ଟି ସ୍ଥାପନ, ସହରର ପ୍ରତ୍ୟେକ ସାହିରେ କମିଟି ଗଠନ କରି ମେଢ଼ ନିର୍ମାଣ, ରାମଦୋଳି ଓ ମୀନାବଜାର ପାଇଁ ନିଲାମ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯିବା ସହ ଯାତ୍ରାର ସୁପରିଚାଳନା ପାଇଁ ଆଲୋଚନା କରାଯାଇ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି ବସନ୍ତ କୁମାର ଦଳାଇ, ସାଧାରଣ ସମ୍ପାଦକ ବିଶ୍ୱମୋହନ ମିଶ୍ର, ଏନ୍ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢ଼ୀ, ବୁଗୁଡା ବ୍ଲକ ଅଧ୍ୟକ୍ଷା ପ୍ରତିନିଧି କେ. ନୀଳମାଧବ ଆଚାରୀ, ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଧରଣୀଧର ପଣ୍ଡା, ଉପଦେଷ୍ଟା ମଣ୍ଡଳୀ ଏବଂ କମିଟିର ସଭ୍ୟମାନେ ଉପସ୍ଥିତ ଥିଲେ।

# ଆବାସ ପାଇଁ ୩୦ ବର୍ଷ ହେଲା ଆବେଦନ କରୁଛନ୍ତି ଦିବ୍ୟାଙ୍ଗ

**ଫୁଲବାଣୀ ଅଫିସ/ଟିକାବାଲି, ୧୧।୨**

ସରକାର ଦିବ୍ୟାଙ୍ଗଙ୍କ ସୁବିଧା ପାଇଁ ସବୁ ବ୍ୟବସ୍ଥା କରିଛନ୍ତି। ସେମାନଙ୍କୁ ଚାଉଳ, ଭତ୍ତା ସହ ଆବାସ ଗୃହ ଯୋଗାଇ ଦେଉଛନ୍ତି। ହେଲେ ପ୍ରଶାସନିକ ଅଧିକାରୀ ଏବଂ ନିର୍ବାଚିତ ପ୍ରତିନିଧିଙ୍କ ବେପରୁଆ ମନୋଭାବ ଯୋଗୁ ହିତାଧିକାରୀ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। କନ୍ଧମାଳ ଜିଲା ଟିକାବାଲି ବ୍ଲକ କଇଁଝର ପଞ୍ଚାୟତ ଡଗପଦର ଗ୍ରାମର ଜଣେ ବିଦ୍ୟାଙ୍ଗ ଦୀର୍ଘ ୩୦ ବର୍ଷ ହେଲା ଆବାସ ଗୃହଟିଏ ପାଇଁ ବାରମ୍ବାର ଆବେଦନ କରି ଆସୁଥିଲେ ହେଁ ତାଙ୍କ କଥାକୁ କେହି ଶୁଣୁ ନାହାନ୍ତି।


ସଦାନନ୍ଦ ମଲ୍ଲିକ ।

ଡଗପଦର ଗ୍ରାମର ସଦାନନ୍ଦ ମଲ୍ଲିକଙ୍କୁ ଏବେ ୫୫ ବର୍ଷ । ପିଲା ବେଳେ ସେ ଠିକ୍ ଥିଲେ। ୨୫ ବର୍ଷ ବୟସରେ ତାଙ୍କ ବାମ ଗୋଡରେ ଯନ୍ତ୍ରଣା ହେଲା । ଗୋଡ଼ ଭଲ କରିବା ପାଇଁ ମେଡିକାଲ ଯାଇ ଖର୍ଚ୍ଚାନ୍ତ ହେଲେ । ମାତ୍ର କିଛି ସୁଫଳ ମିଳିଲାନି। ଧିରେ ଧିରେ ଗୋଡ ସରୁ ହୋଇଗଲା । ଚାଲିବାରେ କଷ୍ଟ ହେଲା । ବାଡି ସାହାରା ବିନା ଠିଆ ହୋଇ ପାରିଲେନି। ପରେ ସରକାରଙ୍କ ପକ୍ଷରୁ ତାଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିଛି । ତେବେ ତାଙ୍କୁ କେବଳ ଚାଉଳ ଏବଂ ଭତ୍ତା ମିଳୁଥିବା ବେଳେ ଆବାସ ଗୃହ ଯୋଗାଇ ଦିଆଯାଉନାହିଁ। ୩୦ ବର୍ଷ ହେବ ସେ ଘର ଖଣ୍ଡିଏ ଚାହିଁ ବସିଥିଲେ ବି ମିଳୁନି। ମାଟି ଘରେ ରହି ବହୁ ଅସୁବିଧା ଭୋଗୁଛନ୍ତି। ସଦାନନ୍ଦ କହିଛନ୍ତି, ସ୍ତ୍ରୀ ଏବଂ ଗୋଟିଏ ପୁଅକୁ ନେଇ ମୋର ସଂସାର । ମୁଁ କାମ କରିପାରୁନାହିଁ । ପୁଅ ଛୋଟ । କିଛି ବର୍ଷ ହେବ ମୋର ଘର ଖଣ୍ଡେ ଆସିଥିଲା। ହେଲେ ସେମାନେ ମୋତେ ଦେଲେ ନାହିଁ । ଭାଇମାନଙ୍କୁ ନିର୍ଭର କରି ଚଳୁଛି । ଘର ଖଣ୍ଡେ ଯୋଗାଇ ଦେଲେ ଉପକୃତ ହୁଅନ୍ତି ବୋଲି ସଦାନନ୍ଦ କହିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ରୁନିତା କହଁରଙ୍କୁ ପଚାରିବାରେ ସଦାନନ୍ଦଙ୍କ ନାଁ ଲିଷ୍ଟରେ ଅଛି କି ନାହିଁ ଦେଖିଲା ପରେ କହିବି । ତାଙ୍କୁ କିପରି ଘର ମିଳିବ ସେଥିପାଇଁ ଚେଷ୍ଟା କରିବି ବୋଲି କହିଛନ୍ତି।

# ଚର୍ମବିଣ୍ଡି ରୋଗରେ ଗୋରୁ ଆକ୍ରାନ୍ତ

**ବୁଗୁଡ଼ା, ୧୧।୨(ଡି.ଏନ.ଏ.)**

ବୁଗୁଡ଼ା ଅଞ୍ଚଳରେ ବ୍ୟାପିଛି ଚର୍ମବିଣ୍ଡି ରୋଗ ଆତଙ୍କ। ଆକ୍ରାନ୍ତ ହେଲେଣି ଶହ ଶହ ଗୋରୁ। ବସନ୍ତ ଭଳି ବ୍ୟାପୁଛି ଏହି ରୋଗ। ଏହି ରୋଗରେ ଗୋରୁଙ୍କ ଚର୍ମ କଳା ପଡିବା ସହ ବିଭିନ୍ନ ସ୍ଥାନରେ କ୍ଷତ ହୋଇ ରକ୍ତସ୍ରାବ ହେଉଛି। ଏହି ରୋଗ ପାଇଁ କୌଣସି ଔଷଧ ବାହାରି ନ ଥିବାରୁ ଗୋପାଳକମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ବୁଗୁଡ଼ା ପ୍ରାଣୀଧନ ଚିକିତ୍ସା ବିଭାଗ ଏହି ରୋଗ ପାଇଁ ବସନ୍ତ ଟିକା ପ୍ରୟୋଗ କରୁଥିବା ବେଳେ ଏହି ଟିକା କାମ କରୁନଥିବା ଯୋଗୁ ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହା ଏକ ଡିଆଁ ରୋଗ ହୋଇଥିବାରୁ ପ୍ରଥମେ ଏହା ଗ୍ରାମାଞ୍ଚଳର କାଁ ଭାଁ କେଉଁଠି ଆରମ୍ଭ ହୋଇ ପରମୂହୁର୍ତ୍ତରେ ଅନ୍ୟ ଆଡକୁ ବ୍ୟାପିଥିଲା। ଏ ନେଇ ପ୍ରାଣୀ ଚିକିତ୍ସକ ଭଗବତୀ ପ୍ରସାଦ ଦାଶଙ୍କୁ ପଚାରିବାରେ ଏହି ରୋଗ ପାଇଁ ନିର୍ଦ୍ଦିଷ୍ଟ ଔଷଧ ବାହାରି ନ ଥିବାରୁ ପ୍ରତିଷେଧକ ଭାବେ ବସନ୍ତ ରୋଗର ଚିକିତ୍ସା ପାଇଁ ଆସୁଥିବା ଟିକା ଦିଆଯାଉଥିଲେ ହେଁ ଏହା କାମ ଦେଉ ନଥିବା ସେ କହିଛନ୍ତି। ଏବେ ବୁଗୁଡ଼ା ଅଞ୍ଚଳର ବହୁ ଗ୍ରାମରେ ଅନେକ ଗୋରୁ ଏହି ରୋଗରେ ଆକ୍ରାନ୍ତ ହୋଇ ଛଟପଟ ହେଉଥିବା ବେଳେ ପ୍ରାଣୀଧନ କର୍ମଚାରୀମାନେ ଧରାଛୁଆଁ ଦେଉନଥିବା ଅଭିଯୋଗ ହେଉଛି। ଏହି ସାଙ୍ଘାତିକ ଚର୍ମବିଣ୍ଡି ରୋଗର ପ୍ରତିକାର ବ୍ୟବସ୍ଥା ନକଲେ ବହୁ ଗୋରୁ ମୃତ୍ୟୁମୁଖରେ ପଡ଼ିବା ଆଶଙ୍କା ଦେଖାଦେଇଛି।

# ରାଷ୍ଟ୍ରୀୟ ଲୋକ ଅଦାଲତ, ୧୨୨୯୬ ମାମଲା ସମାଧାନ

**ପାରଳାଖେମୁଣ୍ଡି, ୧୧।୨ (ଡି.ଏନ୍.ଏ):**

ଗଜପତି ଜିଲ୍ଲା ଆଇନ ପ୍ରାଧିକରଣ ତରଫରୁ ପ୍ରଥମ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଦୌରା ଜଜ୍ ପ୍ରଦୀପ କୁମାର ସାମଲ ଉପସ୍ଥିତ ଥିଲେ। ପରିବାର ଅଦାଲତ ଜଜ୍ ସୁବ୍ରତ ମହାନ୍ତି, ଆଇନ ସେବା ପ୍ରାଧିକରଣ ସଚିବ ରବି ନାରାୟଣ ବେହେରା, ବରିଷ୍ଠ ଦେୱାନୀ ବିଚାରପତି ସନ୍ତୋଷ କୁମାର ଅଗ୍ରୱାଲ, କୋର୍ଟ ରେଜିଷ୍ଟ୍ରାର ସତ୍ୟବ୍ରତ ରଣା, ଉପଖଣ୍ଡ ବିଚାର ବିଭାଗୀୟ ଅଧିକାରିଣୀ ବର୍ଷା ଶର୍ମା, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ସୁଭଜିତ ବେହେରା ପ୍ରମୁଖ କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ଆର.ଉଦୟଗିରିଠାରେ ବିଚାରପତି ପୂଣ୍ୟଶ୍ଲୋକ ରଥ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ପାରସ ପାଢ଼ୀ, ମୋହନା କୋର୍ଟଠାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରିଣୀ ଅନନ୍ୟା ଦାସ, କାଶୀନାଗର କୋର୍ଟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରିଣୀ ଅଙ୍କିତା ଗୁରୁ ପ୍ରମୁଖ ଉପସ୍ଥିତ ରହି କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ। ସମୁଦାୟ ୧୨୪୩୧ଟି ମାମଲା ବିଚାରାକୁ ନିଆଯାଇ ୧୨୨୯୬ଟି ସମାଧାନ କରାଯାଇ ୧୧,୧୭,୫,୭୬୯ ଟଙ୍କା ଆଦାୟ କରାଯାଇଛି।

# ହାଇସ୍କୁଲ, ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ଦିଗପହଣ୍ଡି,୧୧।୨(ଡି.ଏନ.ଏ.)– ଦିଗପହଣ୍ଡି ବ୍ଲକ ଗଡ଼ଗୋବିନ୍ଦପୁର ଗ୍ରାମସ୍ଥିତ ଶ୍ରୀରଘୁନାଥ ହାଇସ୍କୁଲ ଏବଂ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତା ଏବଂ ସଂଗ୍ରାମ କେଶରୀ ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବ୍ଲକ ଅଧକ୍ଷା ସୁନିତା ସେଠୀ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଯନ୍ତ୍ରୀ ଇଂ. ବି.ଶଙ୍କର ନାରାୟଣ ସୁବୁଦ୍ଧି, ଗଡ଼ଗୋବିନ୍ଦପୁର ସରପଞ୍ଚ ରଞ୍ଜନ କୁମାର ସାହୁ, ସମିତିସଭ୍ୟ ଏ.ସୁଦାମ ରେଡ୍ଡୀ, କୈଁଠଖଣ୍ଡି ସରପଞ୍ଚ ମନୋରଞ୍ଜନ ଗୌଡ଼, ପଦ୍ମନାଭପୁର ସରପଞ୍ଚ ପ୍ରତିନିଧି ବି.କ୍ରିଷ୍ଣା ରାଓ ସୁବୁଦ୍ଧି, ଜକର ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ କୁମାର ପ୍ରଧାନ, ଗୋକର୍ଣ୍ଣପୁର ସରପଞ୍ଚ ପ୍ରତିନିଧି ସନ୍ତୋଷ ଦୋରା, ସାମାଜିକ କର୍ମୀ ଏମ.ନିରଞ୍ଜନ ରେଡ୍ଡୀ, ଦିଗପହଣ୍ଡି ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ରସାନନ୍ଦ ଘଡେଇ, ପୂର୍ବତନ ଜିଲା ପରିଷଦ ସଦସ୍ୟ କୃଷ୍ଣଚନ୍ଦ୍ର ସେଠୀ, ସ୍କୁଲ ପରିଚାଳନା କମିଟି ସଭାପତି ବଦ୍ରି ପାଣିଗ୍ରାହୀ, କୁରେଶୁ ରେଡ୍ଡୀ, କାର୍ଯ୍ୟକର୍ତ୍ତା ପ୍ରତାପ କୁମାର ସାହୁ, ଚକ୍ରଧର ପ୍ରଧାନ, ମୁକୁନ୍ଦ ପ୍ରଧାନ, ଅଜିତ ଡାକୁଆ, ସନ୍ତୋଷ ଡାକୁଆ, ଜିତୁନ ରେଡ୍ଡୀ, ଚିଣ୍ଟୁ ବେହେରା, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ, ଅଭିମନ୍ୟୁ ସେଠୀ, ତ୍ରିନାଥ ସାହୁ, ରାଜେନ୍ଦ୍ର ରେଡ୍ଡୀ, ତ୍ରିନାଥ ବେହେରା, ପ୍ରହ୍ଲାଦ ସାମନ୍ତ ଏବଂ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ବି.ନାରାୟଣ ସୁବୁଦ୍ଧି ମଞ୍ଚାସୀନ ଥିଲେ। ବାର୍ଷିକୋତ୍ସବ ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିବୃନ୍ଦ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ।

# ଭଞ୍ଜନଗରରେ ୧୪୧ ମାମଲା ଫଇସଲା


ଲୋକ ଅଦାଲତାରେ ମାମଲା ଫଇସଲା ଚାଲିଛି ।

**ଭଞ୍ଜନଗର,୧୧।୨(ଡି.ଏନ.ଏ)**

ଭଞ୍ଜନଗର ତାଲୁକା ଆଇନ ସେବା କମିଟି ପକ୍ଷରୁ ୨୦୨୩ର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪୧ଟି ମାମଲା ଫଇସଲା କରାଯାଇଛି। ମୋଟର ଦୁର୍ଘଟଣାଜନିତ ୧୯ଟି ମାମଲା ଫଇସଲା କରାଯାଇ ୭୬ଲକ୍ଷ ୬୮ ହଜାର ଟଙ୍କା ବୀମା ବାବଦକୁ ହିତାଧିକାରୀଙ୍କୁ ଦେବାକୁ ବୀମା କମ୍ପାନିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ୧୧ଟି ବ୍ୟାଙ୍କ ଋଣ ମାମଲା ଫଇସଲା କରାଯାଇ ୧୯ଲକ୍ଷ ୪୫ହଜାର ୨୫ଟଙ୍କା ଆଦାୟ କରାଯାଇଛି। ଏଥିସହ ଅନ୍ୟାନ୍ୟ ମାମଲା ଫଇସଲା କରାଯାଇଛି। ଅତିରିକ୍ତ ଜିଲା ଜଜ୍ ତଥା ତାଲୁକା ଆଇନ ସେବା କମିଟି ଅଧ୍ୟକ୍ଷ ଦେବଦତ୍ତ ପଟ୍ଟନାୟକ, ବରିଷ୍ଠ ଦେୱାନୀ ବିଚାରପତି ସୋମଲିନା ମିଶ୍ର, ଏସ୍‌ଡ଼ିଜେଏମ୍ ଅମିତ୍ କୁମାର, ଜେଏମ୍ଏଫସି ସନ୍ଧ୍ୟା ସୁଚରିତା ମାମଲା ଗୁଡ଼ିକୁ ଫଇସଲା କରିଥିଲେ। ଲୋକ ଅଦାଲତ ବେଞ୍ଚ ସଦସ୍ୟ ଡ଼. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ସଭ୍ୟା ଅଳକା ମଞ୍ଜରୀ ପଟ୍ଟନାୟକ, ବାର୍ ଆସୋସିଏଶନ ସଭାପତି ସନ୍ତୋଷ ନାୟକ, ଆଇନଜୀବୀ ସନ୍ତୋଷ ତିଆଡ଼ି, ଗୋପାଳ ତ୍ରିପାଠୀ, ଅରୁଣ ପାଢ଼ୀ, ବଂଶୀଧର ପ୍ରଧାନ ପ୍ରମୁଖ ମାମଲାଗୁଡ଼ିକ ଫଇସଲା କରିବାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ କୋର୍ଟ କର୍ମଚାରୀ ଅଙ୍କନ୍ ପ୍ରଧାନ, ସୁନିଲ ମୁଦୁଲି, ଶଙ୍କର ମହାନ୍ତି, ମିଥୁନ୍ ଗୌଡ଼, ଟି.ବି.ପଟ୍ଟନାୟକ ସହଯୋଗ କରିଥିଲେ ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

## ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଚେତାବନୀ



ଶେରଗଡ଼ରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରତିବାଦ ସଭା।

**ଶେରଗଡ଼/ ଗଞ୍ଜାମ, ୧୧।୨(ଡି.ଏନ.ଏ):**

ଶେରଗଡ଼ ବ୍ଲକ ମିଳିତ ଶିକ୍ଷକ ସଂଘ ପକ୍ଷରୁ ବିଇଓ କାର୍ଯ୍ୟାଳୟ ସମ୍ମୁଖ ଶାରୀରିକ ସଭାଗୃହରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସଂଘର ସଭାପତି ଅରୁଣ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସରକାରଙ୍କୁ ଶିକ୍ଷକମାନଙ୍କ ପ୍ରତି ଟାଳଟୁଳ ନୀତି ଗ୍ରହଣ କରାଯାଉଥିବା ନେଇ ଆଲୋଚନା ହୋଇଥିଲା। ଶିକ୍ଷା କ୍ଷେତ୍ରରେ ଠିକା ନିଯୁକ୍ତି ବନ୍ଦ କରିବା, ୬ଟି ଇନକ୍ରିମେଣ୍ଟ ଦେଇ ମୂଳ ଦରମାରେ ମିଶାଇବା, କେନ୍ଦ୍ରୀୟ ହାରରେ ଦରମା, ପୁରୁଣା ପେନସନ ପ୍ରଚଳନ କରିବା ନେଇ ବିଧାନସଭା ସମ୍ମୁଖରେ ଗତ ଡିସେମ୍ବର ମାସରେ ଆନ୍ଦୋଳନ କରିଥିଲେ। ସରକାର ଏ ଦିଗରେ ଦୃଷ୍ଟି ଦେବା ସହ ଗତ ୧୬ରୁ ୨୦ତାରିଖ ଭିତରେ ସମାଧାନ କରିବା ନେଇ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଗତ ଡିସେମ୍ବର ୨୧ ଓ ୨୯ତାରିଖରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକରେ ଦାବି ସମ୍ପର୍କରେ ଜଣାଯାଇଥିଲା। ତଥାପି ଆଜି ପର୍ଯ୍ୟନ୍ତ ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି। ତେଣୁ ଆସନ୍ତା ବିଧାନସଭା ଅଧିବେଶନ ପୂର୍ବରୁ ସରକାର ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ନଚେତ ଶିକ୍ଷା କ୍ଷେତ୍ରରେ ଯାହା ବାଧା ଉପୁଜିବ ସେଥି ନିମନ୍ତେ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି। ଉକ୍ତ ସଭାରେ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

ସେହିପରି ଗଞ୍ଜାମ ବ୍ଲକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଏକ ଜରୁରୀ ବୈଠକ ସଂଘ ସଭାପତି ଗଜେନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମ୍ପାଦକ ଲକ୍ଷଣ ନାହାକ, ଉପସଭାପତି ଗୋପବନ୍ଧୁ ସ୍ୱାଇଁ, ସହ ସମ୍ପାଦକ ଗୀତାଞ୍ଜଳୀ ସାମନ୍ତ, କୋଷାଧ୍ୟକ୍ଷ ଜୟକୃଷ୍ଣ ତ୍ରିପାଠୀ, ଉପଦେଷ୍ଟା ନିରଞ୍ଜନ ମହାପାତ୍ର ଓ ହୃଷିକେଶ ପଣ୍ଡାଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ୧କୋଟି ୨ଲକ୍ଷ ୧୯ ହଜାର ୧୫୫ଟଙ୍କା ଆଦାୟ

**ଆସିକା,୧୧।୨(ଡି.ଏନ.ଏ)**

ଆସିକା ବିଚାର ବିଭାଗୀୟ ଅଦଲାତ ପରିସରରେ ଶନିବାର ଅନୁଷ୍ଠିତ ହୋଇଥିବା ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତରେ ୬୬ ମାମଲାର ଫଇସଲା କରାଯାଇ ୧କୋଟି ୨ଲକ୍ଷ ୧୯ ହଜାର ୧୫୫ଟଙ୍କା ଆଦାୟ କରାଯାଇଛି। ଫଇସଲା ହୋଇଥିବା ମାମଲା ମଧ୍ୟରେ ୨ଟି ବ୍ୟାଙ୍କ ଚେକ ମାମଲାର ସମାଧାନ କରାଯାଇ ୧ଲକ୍ଷ ୨୦ ହଜାର ଟଙ୍କା, ୭ ବ୍ୟାଙ୍କ ଋଣ ଆଦାୟ ମାମଲାର ୨୦ ଲକ୍ଷ ୭୯ହଜାର ୧୫୫ଟଙ୍କା, ୨୨ ମଟରଯାନ ଦୁର୍ଘଟଣା ଜନିତ ମାମଲାରେ ୭୮ ଲକ୍ଷ ୯୦ ହଜାର ଟଙ୍କା, ଗୋଟିଏ ଦେୱାନୀ ମାମଲାର ଫଇସଲା କରାଯାଇ ୧ଲକ୍ଷ ୩୦ ହଜାର ଟଙ୍କା ଆଦାୟ କରାଯାଇଥିଲା ବେଳେ ଗୋଟିଏ ଫୌଜଦାରୀ ମାମଲା, ୩ବୈବାହିକ ମାମଲା, ୭ଟିଭରଣପୋଷଣ ମାମଲା ଏବଂ ୨୩ଟି ଏଫ.ଆର.ଟି ମାମଲାର ଫଇସଲା ହୋଇଛି । ଆସିକା ତାଲୁକା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରା ଜଜ୍ ପ୍ରବୀର କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଦେୱାନୀ ବିଚାରପତି ସୌଦାମିନୀ ବିଶ୍ୱାଳ, କନିଷ୍ଠ ଦେୱାନୀ ବିଚାରପତି ଝିଲିଲିନା ନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମୋନାଲି ବେହେରା, ଶ୍ୱେତା ଦାସ, ପ୍ରାଧିକରଣ ସଦସ୍ୟ ବରିଷ୍ଠ ଆଇନଜୀବୀ ଇ. ଅନନ୍ତ ସୟନମନ, ରଶ୍ମିତା ସେନାପତି ପ୍ରମୁଖ ଏହି ଅଦାଲତରେ ମାମଲାର ଫଇସଲା କରିଥିଲେ।

# ୪୫ ମାମଲା ଫଇସଲା

**ଦିଗପହଣ୍ଡି,୧୧।୨(ଡି.ଏନ.ଏ.)**

ଦିଗପହଣ୍ଡି ତାଲୁକ ଆଇନ ସେବା କମିଟି ପକ୍ଷରୁ ଶନିବାର କୋର୍ଟ ପରିସରରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷା ତଥା ମାଜିଷ୍ଟ୍ରେଟ ପ୍ରିୟଦର୍ଶିନୀ ତ୍ରିପାଠୀ ଏହାକୁ ପରିଚାଳନା କରିଥିଲେ। ଏଥିରେ ୪୨ ଫୌଜଦାରି, ୩ ଦେୱାନି ମାମଲାର ଫଇସଲା କରାଯିବା ସହ ପୋଡାମାରି ୟୁନିୟନ ବ୍ୟାଙ୍କ ପକ୍ଷରୁ ୧୨ ଋଣ ମାମଲାର ଫଇସଲା କରାଯାଇ ୬,୩୬,୦୦୦ ଟଙ୍କା ଆଦାୟ କରାଯାଇଥିଲା। ବିଚାର ବିଭାଗୀୟ କର୍ମଚାରୀ ଅଞ୍ଜଳି ମହାରଣା, ସସ୍ମିତା ମହାରଣା, ସତ୍ୟନାରାୟଣ ପାଢ଼ୀ, ସଂଗ୍ରାମ କେଶରୀ ପଣ୍ଡା, ଅଶ୍ୱିନୀ କୁମାର ପଟ୍ଟନାୟକ, ପି. ପୂର୍ଣ୍ଣଚନ୍ଦ୍ର ପାତ୍ର, କାଳିଆ ନାୟକ, ବିକ୍ରମ ପ୍ରଧାନ ପ୍ରମୁଖ ଲୋକ ଅଦାଲତ ପରିଚାଳନାରେ ସହଯୋଗ କରିଥିଲେ।

# ତ୍ରିନାଥ ମନ୍ଦିରର ବାର୍ଷିକ ଉତ୍ସବ

ବାଲିଗୁଡା,୧୧।୨(ଡି.ଏନ.ଏ.)
ବାଲିଗୁଡ଼ା ଷ୍ଟେଟ ବ୍ୟାଙ୍କ ଛକରେ ଥିବା ତ୍ରୀନାଥ ମନ୍ଦିରର ମଣ୍ଡପରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଗତ ଦୁଇବର୍ଷ କରୋନା ମହାମାରୀ ଥିବା ଯୋଗୁ ନିରାଡମ୍ବର ସହକାରେ ପାଳିତ ହୋଇ ଆସୁଥିବା ବେଳେ ଚଳିତ ବର୍ଷ କରୋନା କଟକଣା ନଥିବା ଯୋଗୁ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମନ୍ଦିର ପରିସରରେ ହୋମଯଜ୍ଞ, ଘୃତଯଜ୍ଞ ଓ ଅର୍ନ୍ନଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ପ୍ରକାଶ ଚନ୍ଦ୍ର ନାୟକ, ସ୍ୱପ୍ନେଶ୍ୱର ସାହୁ, ରଞ୍ଜିତ ଚୌଧୁରୀ, ସଞ୍ଜିବ ମଲ୍ଲ, ନରସିଂହ ବେହେରା, ଫକିର ମୋହନ ଦୋରା, ହରେକୃଷ୍ଣ ରାଓ, ଅନ୍ତର୍ଯ୍ୟାମୀ ବେହେରା, ସୁରେନ୍ଦ୍ର ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ମନ୍ଦିର ରାସ୍ତା ମାଡ଼ି ବସୁଛନ୍ତି ବେପାରୀ

**କବିସୂର୍ଯ୍ୟନଗର,୧୧।୨(ଡି.ଏନ.ଏ.)**

ଗଞ୍ଜାମ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା’ ମହାମାୟୀ। ରାଜ୍ୟର କୋଣଅନୁକୋଣରୁ ଛୁଟି ଆସନ୍ତି ହଜାର ହଜାର ଭକ୍ତ। ବିଶେଷତଃ ଅମାବାସ୍ୟା, ସଂକ୍ରାନ୍ତି, ମଙ୍ଗଳବାର ଓ ଶନିବାର ଆଦି ଦିନରେ ଭିଡ଼ ଜମେ। ମା’ ମହାମାୟୀଙ୍କ ତୋରଣ ମୁଖ୍ୟ ରାସ୍ତାକୁ ମୁହଁକରି ରହିଛି। ଏଠାରୁ ମନ୍ଦିର ପ୍ରାୟ ୨୦୦ମିଟର। ରାସ୍ତାର ଉଭୟ କଡ଼ରେ ମାଳ ମାଳ ଦୋକାନୀ ପସରା ପକାଇ ବେପାର କରନ୍ତି। ଏମାନେ ରାସ୍ତାର ଅଧା ସ୍ଥାନ ମାଡ଼ି ବସୁଛନ୍ତି। ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣାର ଆଶଙ୍କା ମଧ୍ୟ ଦେଖାଦେଇଛି।


ମନ୍ଦିର ରାସ୍ତା ଉପରେ ବ୍ୟବସାୟ।

ଅନଧିକୃତ ଭାବେ ମାଡ଼ି ବସିଥିବା ବେପାରୀଙ୍କଠାରୁ ଏନଏସି ପ୍ରତିଦିନ ଟିକସ ଆଦାୟ କରୁଛି। କିନ୍ତୁ ତା’ ପ୍ରତି ଦୃଷ୍ଟି ନ ଦେବା ଭକ୍ତଙ୍କ ଭାବାବେଗକୁ ବାଧୁଛି। ଅନ୍ୟପଟେ ମନ୍ଦିର ସମ୍ମୁଖରେ ଅନଧିକୃତ ଭାବେ ମାଳ ମାଳ ଗାଡି ପରିସ୍ଥିତିକୁ ଅଣାୟତ୍ତ କରୁଛି। ଯାହା ଫଳରେ ଭକ୍ତଙ୍କ ଯାତାୟାତରେ ବାଧା ଉପୁଜୁଛି। ସୂଚନା ପ୍ରକାରେ ବେପାରୀ ସ୍ୱତଃପ୍ରବୃତ୍ତ ରାସ୍ତାରୁ ହଟିବାକୁ ଚାହୁଁଥିଲେ ବି ସମସ୍ତ ବେପାରୀଙ୍କ ମଧ୍ୟରେ ସମନ୍ୱୟ ରହୁନି। ଅନ୍ୟପଟେ ପ୍ରଶାସନିକ ଅଧିକାରୀ, ଏନଏସି କର୍ତ୍ତୃପକ୍ଷଙ୍କ ଠାରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ନ ଦେବା କ୍ଷୋଭ ଓ ପରିତାପର ବିଷୟ। ମହାମାୟୀ ମନ୍ଦିରକୁ ପ୍ରବେଶ ଓ ପ୍ରସ୍ଥାନ ରାସ୍ତା ଭିନ୍ନ ହେବା ସହ ରାସ୍ତାକୁ ମାଡ଼ି ବସିଥିବା ବେପାରୀକୁ ତୁରନ୍ତ ଉଠାଯାଉ ବୋଲି ସହରବାସୀ ଦାବି କରିଛନ୍ତି।

## ସତ୍ୟ ସନାତନ ପ୍ରଜା ସମିତିର ସମ୍ମିଳନୀ

# ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ ହେଉ

**ଫୁଲବାଣୀ ଅଫିସ, ୧୧।୨**

କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଜଲେଶପଟ୍ଟାରେ ସତ୍ୟ ସନାତନ ପ୍ରଜା ସମିତିର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ସ୍ଥାନରୁ ଦୁଇ ଶହରୁ ଅଧିକ ଶିକ୍ଷାବିତ୍ ଯୋଗଦେଇ ପ୍ରଥମେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାସ୍ଥଳରୁ ଆସିଥିବା ଅଖଣ୍ଡ ଜ୍ୟୋତିକୁ ସ୍ୱାଗତ କରିଥିଲେ । ସନାତନ ପ୍ରଜା ସମିତି ରାଜ୍ୟ ସଭାପତି ଇଂ. ଦେବାଶିଷ ହୋତା ଯୋଗ ଦେଇଥିଲେ। ୧୯୯୯ ଜାନୁୟାରୀ ୨୩ରେ ଖ୍ରୀଷ୍ଟିୟାନ ପାଦ୍ରୀ ଗ୍ରାହମ୍ ଷ୍ଟେନ୍ସଙ୍କୁ ହତ୍ୟା କରାଯାଇଥିଲା । ସେହି ଦିନଠାରୁ ଷଡ଼ଯନ୍ତ୍ରକାରୀ ହିସାବରେ ଦାରାସିଂ ୨୪ ବର୍ଷ ହେବ ଜେଲ୍‌ରେ ଅଛନ୍ତି । ୨୦୦୮ ଅଗଷ୍ଟ ୨୩ ଜନ୍ମାଷ୍ଟମୀ ଦିନ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ହତ୍ୟା କରାଯାଇଥିଲା । ହେଲେ ଏ ପର୍ଯ୍ୟନ୍ତ ଷଡ଼ଯନ୍ତ୍ରକାରୀଙ୍କୁ ଆଜି ଯାଏ ଗିରଫ କରା ଯାଇନାହିଁ । ଦେଶରେ ହିନ୍ଦୁ ଏବଂ ଅଲଗା ସମ୍ପ୍ରଦାୟ ପାଇଁ କ’ଣ ଅଲଗା ନିୟମ ଅଛି କି ବୋଲି ହୋତା ପ୍ରକାଶ କରିଛନ୍ତି । ଏଥିସହ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ କରାଯିବାକୁ ସେ ଦାବି କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଦିଲ୍ଲେଶ୍ୱରା ନନ୍ଦ ଯୋଗଦେଇ ପରମାତ୍ମାଙ୍କ ସାନିଧ ଲାଭ କରିବାର ପ୍ରକୃତ ମାର୍ଗ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ।



ସମ୍ମିଳନୀରେ ଉପସ୍ଥିତ ଅତିଥି ଓ ନେତୃବୃନ୍ଦ।

